ଧରିତ୍ରୀ
DHARITRI



## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ବୃଦ୍ଧା ଗୁରୁତର

**ପାରଳାଖେମୁଣ୍ଡି,୨୮।୧ (ସ୍ୱ.ପ୍ର.)** ପାରଳାଖେମୁଣ୍ଡି ରାମନଗରସ୍ଥିତ ହାତୀବାଡି ଶ୍ମଶାନ ନିକଟରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ବୃଦ୍ଧାଙ୍କ ନାମ ଦେଶୀ ତୁଳା(୫୨)। ତାଙ୍କ ପରିବାର ସମ୍ପର୍କରେ ଏଯାଏ କୌଣସି ସୂଚନା ମିଳିନାହିଁ।ପ୍ରକାଶ ଯେ, ବୃଦ୍ଧା ଜଣଙ୍କ ଯାଉଥିବାବେଳେ ହାତୀବାଡି ଶ୍ମଶାନ ନିକଟରେ ଏକ ଟ୍ରାକ୍ଟର (ଓଡି-୨୦-୬୧୨୬) ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କ ବାମ ଗୋଡ଼ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକେ ଏ ନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ବୃଦ୍ଧା ଜଣଙ୍କୁ ଉଦ୍ଧାର କରି ପ୍ରଥମେ ପାରଳାଖେମୁଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଏ ନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ୧୯/୨୦ରେ ଏକ ମାମଲା ରୁଜୁ କରାଯାଇଥିବା ନେଇ ଏ.ଏସ୍.ଆଇ. ପୀତବାସ ଶତପଥୀ କହିଛନ୍ତି।

### ଛାତ୍ରାବାସରୁ ଅନ୍ତେବାସୀ ଫେରାର

**ସୋରଡା,୨୮।୧(ଡି.ଏନ୍.ଏ.):** ସ୍ଥାନୀୟ ମିଶନ ଛାତ୍ରାବାସରୁ ମଙ୍ଗଳବାର ଜଣେ ଅନ୍ତେବାସୀ ଫେରାର ହୋଇଯାଇଛନ୍ତି। ଏନେଇ ଛାତ୍ରାବାସ ପରିଚାଳକ ଦିଲୀପ କୁମାର ନାୟକ ସ୍ଥାନୀୟ ଥାନାରେ ଏତଲା ଦେଇଛନ୍ତି। ନଂ.୨୦/୨୦ରେ ମାମଲା ରୁଜୁକରି ତଦନ୍ତ ଚାଲିଥିବା ଥାନାଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି।

# କିନ୍ନରଙ୍କୁ ସ୍ୱାବଲମ୍ବୀ କରିବାକୁ ଖୋଲିଲା 'ସୁରଭି'

**ପାରଳାଖେମୁଣ୍ଡି,୨୮।୧ (ସ୍ୱ.ପ୍ର.)**

କିନ୍ନରମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଗଜପତି ଏସ୍‌ପି ସାରା ଶର୍ମା ନିଜସ୍ୱ ପ୍ରୟାସରେ ଜିଲା ମୁଖ୍ୟ ଚିକିତ୍ସାଳୟରେ 'ସୁରଭି' ନାମକ ଏକ ୨୪ ଘଣ୍ଟିଆ ଜଳଖିଆ ଦୋକାନ ଖୋଲିଛନ୍ତି। ଏହାକୁ ମଙ୍ଗଳବାର ଜିଲାପାଳ ଅନୁପମ ସାହା ଉଦ୍‌ଘାଟନ କରିଛନ୍ତି। ଡାକ୍ତରଖାନାକୁ ଆସୁଥିବା ସାଧାରଣ ଲୋକଙ୍କୁ ସୁଲଭ ମୂଲ୍ୟରେ ସ୍ୱଚ୍ଛଭାବେ ଉନ୍ନତମାନର ଜଳଖିଆ ଯୋଗାଇ ଦିଆଯାଇ ପାରିବ ବୋଲି ସୂଚନା ମିଳିଛି। ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଏଏସ୍‌ପି ସୀତାରାମ ଶତପଥୀ, ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ଜେନା, ସିଡିଏମ୍‌ଓ ଡାକ୍ତର ପି.କେ. ପାତ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଏମ୍.ଏମ୍. ଅଲ୍ଲୀ, ଜିଲା ସ୍ୱାସ୍ଥ୍ୟ ପ୍ରକଳ୍ପ ପରିଚାଳିକା ସୌମ୍ୟରାଣୀ ଗୌଡ, ପାରଳାଖେମୁଣ୍ଡି ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ ପି.ସୁନୀତା ପ୍ରମୁଖଙ୍କ ସହ ବହୁ ପୋଲିସ ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ପ୍ରକାଶ ଯେ, ପୂର୍ବରୁ କିନ୍ନରମାନଙ୍କ ଦ୍ୱାରା ଏଠାରେ ଏକ ଓମ୍‌ଫେଡ୍ ଷ୍ଟଲ ଖୋଲାଯାଇ ଲୋକମାନଙ୍କୁ ଚା କଫି ଦିଆଯାଉଥିଲା।



'ସୁରଭି'ର କର୍ମଚାରୀଙ୍କ ସହ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

# ପଦ୍ମଫୁଲ ତୋଳିବା ହେଲା କାଳ

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**କାଶୀନଗର, ୨୮।୧(ଡି.ଏନ୍.ଏ.)**

ପଦ୍ମଫୁଲ ତୋଳିବା ହେଲା କାଳ। ଫୁଲ ତୋଳିବାକୁ ଯାଇଥିବା ବେଳେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଜପତି ଜିଲା କାଶୀନଗର ବ୍ଲକ ଖୁରିଗାଁର ରେବଲା ରଜନୀକାନ୍ତ(୪୧)। ପ୍ରକାଶ ଯେ, ରଜନୀକାନ୍ତ ଗାଁରେ ଥିବା ଏକ ପୋଖରୀକୁ ଫୁଲ ତୋଳିବାକୁ ମଙ୍ଗଳବାର ଅପରାହ୍ନରେ ଯାଇଥିଲେ। ଏହି ସମୟରେ କୌଣସି କାରଣରୁ ସେ ବୁଡ଼ି ଯାଇ ପ୍ରାଣ ହରାଇଥିଲେ। ସନ୍ଧ୍ୟାରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। କାଶୀନଗର ପୋଲିସ ମୃତଦେହ ଉଦ୍ଧାର କରି ୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବୁଧବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯିବ।

# ସନ୍ଧ୍ୟାରାଣୀ ହତ୍ୟା ଘଟଣା: ଶାଶୁ, ଦିଅର ଗିରଫ

**ପଦ୍ମପୁର,୨୮।୧ (ଡି.ଏନ୍.ଏ.)–**



ରାୟଗଡ଼ା ଜିଲା ପଦ୍ମପୁର ନୂଆସାହିର ସନ୍ଧ୍ୟାରାଣୀ ସାହୁ ହତ୍ୟା ଘଟଣାରେ ପୋଲିସ ମଙ୍ଗଳବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ତାଙ୍କ ଶାଶୁ ଜାଡ଼ି ସାହୁ ଓ ଦିଅର ତ୍ରିନାଥ ସାହୁ । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତାଙ୍କ ସ୍ୱାମୀ ହୃଷିକେଶ ସାହୁଙ୍କ ସହ ନଣନ୍ଦ ନମିତା ସାହୁ, ଦେଢ଼ଶାଶୁ ବିଜୟଲକ୍ଷ୍ମୀ ସାହୁ ଫେରାର ଅଛନ୍ତି । ମାଜିଷ୍ଟ୍ରେଟ୍ ରବୀନ୍ଦ୍ରନାଥ ସାହୁଙ୍କ ସହ ପଦ୍ମପୁର ଥାନା ଆଇଆଇସି ସଞ୍ଜୟ କୁମାର ନାୟକ ଅଭିଯୁକ୍ତଙ୍କ ପତ୍ତା ପାଇଥିବା ଜଣାଯାଇଛି । ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି । ସନ୍ଧ୍ୟାଙ୍କ ୨ ପିଲା ଏବେ ସମ୍ପର୍କୀୟଙ୍କ ଘରେ ଅଛନ୍ତି । ସୂଚନାଯୋଗ୍ୟ ଯେ, ପଦ୍ମପୁର ନୂଆସାହିର ହୃଷିକେଶ ଆନ୍ଧ୍ରପ୍ରଦେଶର ପାର୍ବତୀପୁରରେ ସନ୍ଧ୍ୟାରାଣୀଙ୍କୁ ବୈଦିକ ରତିରେ ବିବାହ କରିଥିଲେ। ବିବାହ ପରେ ପରିବାର ଲୋକେ ସନ୍ଧ୍ୟାରାଣୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ପୂର୍ବରୁ ହୃଷିକେଷ ସନ୍ଧ୍ୟାରାଣୀଙ୍କୁ ନିର୍ଯାତନା ଦେବେ ନାହିଁ ବୋଲି ଥାନାରେ ପ୍ରତିଶ୍ରୁତି ଦେଇଥିଲେ ।

# ମହିଳାଙ୍କୁ ଆର୍ଥିକ ସାକ୍ଷରତା ତାଲିମ

**ପାରଳାଖେମୁଣ୍ଡି,୨୮।୧ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ମହିଳାଙ୍କ ପାଇଁ ଏକ ୬ଦିନିଆ ଆର୍ଥିକ ସାକ୍ଷରତା ତାଲିମ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ମୋହନା, କାଶୀନଗର, ଗୋଷାଣୀ ଓ ରାୟଗଡ ବ୍ଲକରୁ ପ୍ରାୟ ୩୦ଜଣ ମହିଳା ଯୋଗ ଦେଇଥିଲେ। ଜିଲା ଜୀବିକା ମିଶନ ପ୍ରକଳ୍ପ ପରିଚାଳିକା ପ୍ରିୟମ୍ବଦା ବିଷୋୟୀ ମୁଖ୍ୟଅତିଥି, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଦ୍ୟା ସାଗର ମୁଦୁଲି, ଜୀବିକା ମିଶନ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ କାଉନ୍‌ସିଲର ବେଣୁଧର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଶିକ୍ଷଣ ଅନୁଷ୍ଠାନର ପ୍ରଧାପକ ଦିଲ୍ଲୀପ କୁମାର ତନ୍ତୀ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଉମରକୋଟ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଚନ୍ଦାହାଣ୍ଡି, ୨୮।୧(ଡି.ଏନ.ଏ.)**

ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ପ୍ରଥମ ଚନ୍ଦାହାଣ୍ଡି ଗସ୍ତ ଅବସରରେ ଚନ୍ଦାହାଣ୍ଡି ବ୍ଲକ ଭାଜପା କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ପୂର୍ବତନ ଭାଜପା ଜିଲା ସଭାପତି ଗୋବିନ୍ଦ କୁମାର ଜୈନ, ରମେଶ ଚନ୍ଦ୍ର ସାହୁ, ଦିଲିପ ଦାସ, ଭୁବନେଶ୍ୱର ସାଗର, ବିଭୁଦତ୍ତ ଦଳେଇ, ପ୍ରଭାତ ସୁନା ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ବ୍ଲକରେ ଭାଜପା କାର୍ଯ୍ୟକର୍ତ୍ତା ସକ୍ରିୟ ହୋଇ ଦଳ ପାଇଁ କାର୍ଯ୍ୟ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ।

# ଲୋକଙ୍କୁ ମିଳୁନି ବିଏସ୍‌ଏନ୍‌ଏଲ୍ ସେବା

**ଗୁମ୍ମା, ୨୮।୧**

ସରକାର ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଦେଖି ପ୍ରାୟ ଅନେକ ସେବା ଇଣ୍ଟରନେଟ ମାଧ୍ୟମରେ ଯୋଗାଇ ଦେଉଛନ୍ତି। କିନ୍ତୁ ସବୁଠି ନେଟ୍‌ୱର୍କ ନ ଥିବାରୁ ଏହା ଫେଲ୍ ମାରୁଛି। ଗଜପତି ଜିଲା ଗୁମ୍ମା ବ୍ଲକ ଏହାର ଜ୍ୱଳନ୍ତ ଉଦାହରଣ। ଏଠାରେ ଦୀର୍ଘ ଦିନ ହେବ ବିଏସ୍‌ଏନ୍‌ଏଲ୍ ସେବା ଲୋକମାନଙ୍କୁ ମିଳୁନି। ଫଳରେ ଅଞ୍ଚଳବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁମ୍ମା ଓ ଏହାର ଆଖପାଖ ପଞ୍ଚାୟତର ପ୍ରାୟ ୬ହଜାର ଲୋକ ଏହି ନେଟ୍‌ୱର୍କ ଉପରେ ନିର୍ଭର କରୁଛନ୍ତି। ନେଟ୍‌ୱର୍କ ନ ଥିବାରୁ ଅନେକ ସରକାରୀ କାମ ହୋଇପାରୁନି ବୋଲି ଅଞ୍ଚଳବାସୀ କହିଛନ୍ତି। ଜରୁରିକାଳୀନ ସମୟରେ କାହାରିକୁ ଯୋଗାଯୋଗ କରାଯାଇପାରୁନି। ଦରକାର ସମୟରେ ଗୁରୁତର ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପାଇଁ ଆମ୍ବୁଲାନ୍ସକୁ ମଧ୍ୟ ଯୋଗାଯୋଗ କରାଯାଇପାରୁନି ବୋଲି ଅଞ୍ଚଳବାସୀ କହିଛନ୍ତି। ସରକାରୀ କାର୍ଯ୍ୟାଳୟରୁ ମିଳୁଥିବା ବିଭିନ୍ନ ପ୍ରମାଣପତ୍ର ଛାତ୍ରୀଛାତ୍ରଙ୍କୁ ଠିକ୍ ସମୟରେ ମିଳିପାରୁନି ବୋଲି ଅଭିଯୋଗ ହୋଇଛି। ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଏସ୍‌ଏନ୍‌ଏଲ୍ ସେବାକୁ ଠିକ୍ କରିବା ସହ ବିକଳ୍ପ ଭାବେ ଅନ୍ୟ କୌଣସି ନେଟ୍‌ୱର୍କକୁ ଏଠାରେ କାର୍ଯ୍ୟକାରୀ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅଳ୍ପ ଦିନ ମଧ୍ୟରେ ସ୍ଥିତି ନ ସୁଧୁରିଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଦେଖୁଥିବା ସରକାର ଗୁମ୍ମା ବ୍ଲକକୁ ଅଣଦେଖା କରୁଛନ୍ତି ବୋଲି ସମିତି ସଭ୍ୟ ନୀହାର ରଞ୍ଜନ ଷଡଙ୍ଗୀ କହିଛନ୍ତି।

# ବନସୁରକ୍ଷା ସମିତି ଗଠିତ



**ଚନ୍ଦାହାଣ୍ଡି,୨୮।୧(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଫଟକି ପଞ୍ଚାୟତ ଅନ୍ତର୍ଗତ ଚଚରାଘାଟି ଓ ଡହିମାଲ ଗ୍ରାମରେ ବନବିଭାଗ ପକ୍ଷରୁ ବନସୁରକ୍ଷା ସମିତି ଗଠନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଝରିଗାଁ ବନାଞ୍ଚଳ ରେଞ୍ଜର, ମୁକୁନ୍ଦ ଦିଶାରୀ, ଚନ୍ଦାହାଣ୍ଡି ବନପାଳ ଗୁପ୍ତେଶ୍ୱର ପଟ୍ଟନାୟକ, କଙ୍ଗରା ବନପାଳ ଚନ୍ଦ୍ରଧ୍ୱଜ ଲେଙ୍କା, ସୁଦର୍ଶନ ଭତରା, ପାରାଗାର୍ଡ କମଳାକାନ୍ତ ନାଗ, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜଙ୍ଗଲରେ ଏବଂ ନିଜ ନିଜ ଚାଷ ଜମିରେ ନିଆଁ ନ ଲଗାଇବା ପାଇଁ ମୁଖ୍ୟଅତିଥି ରେଞ୍ଜର ପରାମର୍ଶ ଦେଇଥିଲେ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ନୂତନ ଗଛ ସୃଷ୍ଟି କରୁଥିବା ମଞ୍ଜି ତଥା ବିଭିନ୍ନ ଔଷଧୀୟ ଜାତୀୟ ବୃକ୍ଷ ପୋଡି ନଷ୍ଟ ହୋଇଥାଏ ବୋଲି କହିଥିଲେ।

# ଛାତ୍ରୀଛାତ୍ରଙ୍କ ମାନସିକ ବିକାଶ ଉପରେ ଗୁରୁତ୍ୱ




କାର୍ଯ୍ୟକ୍ରମରେ ଅତିଥିମାନେ।

## ରେଡ୍‌କ୍ରସର ଜିଲାସ୍ତରୀୟ ଶିକ୍ଷା, ପ୍ରଶିକ୍ଷଣ ଶିବିର

**ପାରଳାଖେମୁଣ୍ଡି,୨୮।୧ (ସ୍ୱ.ପ୍ର.)**

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ଅଧୀନ କେ.ଏମ୍.ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ୭ମ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ୩ଦିନ ଧରି ଅନୁଷ୍ଠିତ ହେବ। ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଏହାର ଉଦ୍‌ଘାଟନ କରିଥିଲେ। ବିଡିଓ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି, ରାୟଗଡ ଜିଲା ରାମନାଗୁଡା ବିଇଓ ସୁଜନ ମଲ୍ଲିକ, ବିଶ୍ୱନାଥ ଭୂୟାଁ, ମଞ୍ଜୁଳା ନାୟକ, ନିରଞ୍ଜନ ଦଳେଇ, ଦିବାକର ରଣସିଂ ନାୟକ, ରାମଚନ୍ଦ୍ର ରଣସିଂ ନାୟକ, ବୀରଭାସ୍କର ପାଇକ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତ୍ୱକୁ ଗୁରୁତ୍ୱ ଦେବାକୁ ଛାତ୍ରୀଛାତ୍ରମାନଙ୍କୁ କୁହାଯାଇଥିଲା। ପିଲାଙ୍କ ମାନସିକ ବିକାଶ ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ରମାନେ କିପରି ଶିକ୍ଷା ସେବା ଉପରେ ଜ୍ଞାନ ପାଇପାରିବେ, ସେ ନେଇ ଆଲୋଚନା ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଚାଲିଛି। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

